ସୋମବାର, ୧୦ ଜୁନ୍ ୨୦୧୯

ନିତିଦିନ NITIDIN

# ଜିଏସ୍‌ଟି-ଆନୁଆଲ ରିଟର୍ଣ୍ଣ ଓ ଅଡିଟ୍ ଶୀର୍ଷକ କର୍ମଶାଳା

ଭୁବନେଶ୍ବର,୯।୬/ଏନ୍‌ଏନ୍‌ଏସ୍: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍‌ସ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସ୍‌ଟି -ଆନୁଆଲ ରିଟର୍ଣ୍ଣ ଓ ଅଡିଟ୍' ଶୀର୍ଷକ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଏ ବିବେକ ଜଲାନ୍, ଟ୍ୟାକ୍ସ କନେକ୍ଟ ଆଡ୍‌ଭାଇଜୋରୀ, କୋଲକାତା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଏହା ଉପରେ ସବିଶେଷ ବ୍ୟାଖ୍ୟା କରିଥିଲେ। ଚାପ୍ଟର ଅଧକ୍ଷ ସିଏମ୍ଏ ଶକ୍ତିଧର ସିଂହ ସ୍ୱାଗତଭାଷଣ ଦେଇଥିବାବେଳେ ସମ୍ପାଦକ ସିଏମ୍ଏ, ହିମୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଏମ୍ଏ ମୁକେଶ ଚୌବେ, ଅଧକ୍ଷ, ପ୍ରଫେସନାଲ ଡେଭଲପ୍‌ମେଣ୍ଟ କମିଟି କର୍ମଶାଳାଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଉପସ୍ଥିତ ଥିବା ଅନ୍ୟ ପରିଚାଳନା କମିଟିର ସଦସ୍ୟମାନେ ହେଲେ ସିଏମ୍ଏ ତାପସ ରଞ୍ଜନ ସ୍ୱାଇଁ (ଉପାଧ୍ୟକ୍ଷ), ସିଏମ୍ଏ ସାନ୍ତନୁ କୁମାର ରାଉତ, ସିଏମ୍ଏ ଆଶୁତୋଷ ଦେବତା, ସିଏମ୍ଏ ଅଜୟ ସାମଲ, ସିଏମ୍ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ ଓ ସିଏମ୍ଏ ପ୍ରଣବ କୁମାର ବେହେରା (କୋଷାଧ୍ୟକ୍ଷ)। ୨୦୦ରୁ ଊର୍ଦ୍ଧ୍ୱ କଷ୍ଟ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ସଦସ୍ୟମାନେ ଉକ୍ତ ଆଲୋଚନାଚକ୍ରଟିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

Scanned by CamScanner